To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

## ବଦ୍‌ଲା ନୁହେଁ, ଗୁଜୁରାଟ ବଦଳାଇବାକୁ ଚାହୁଁଛୁ : ରାହୁଲ



R.N.I. No.-42041/83 Vol-16, Issue No.132, ଭଦ୍ରକ, ସୋମବାର, ୧୩, ନଭେମ୍ବର ୨୦୧୭ ■ Bhadrak, Monday, 13 November 2017 Rs. 2.00 Pages-

## କୃଷ୍ଣା ନଦୀରେ ନୌକା ଦୁର୍ଘଟଣା

# ୨୬ ମୃତ ଆଶଙ୍କା, ୧୪ ଶବ ଉଦ୍ଧାର



ବିଜୟୱାଡା, ୧୨।୧୧ : ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ରବିବାର ଏକ ନୌକା ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୨୬ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି । କୃଷ୍ଣା ନଦୀରେ ନୌକା ଓଲଟିଯିବାରୁ ଏହି ଦୁର୍ଘଟଣା ଘଟିଛି । ନୌକାରେ ପ୍ରାୟ ୩୮ ଯାତ୍ରୀ ଯାତ୍ରା କରୁଥିଲେ । ପ୍ରାରମ୍ଭିକ ସୂଚନା ମୁତାବକ ଏପର୍ଯ୍ୟନ୍ତ ୧୪ ମୃତକଙ୍କ ଶବ ବାହାର କରାଯାଇଛି । ଅନ୍ୟ ପଟେ ପ୍ରାୟ ୧୨ ଜଣଙ୍କୁ ସ୍ଥାନୀୟ ମତ୍ସ୍ୟଜୀବି ଓ ଉଦ୍ଧାରକାରୀ ଦଳ ସୁରକ୍ଷିତ ଭାବେ ନଦୀରୁ ଉଦ୍ଧାର କରିଛନ୍ତିଛ ବାକି ଲୋକଙ୍କ ସନ୍ଧାନ ଜାରି ରହିଛି । ମିଳିଥିବା ସୂଚନା ମୁତାବକ ଏହି ଦୁର୍ଘଟଣା କୃଷ୍ଣା ନଦୀର ପବିତ୍ର ସଂଗମନ ଘାଟରେ ଘଟିଛି । ଘଟଣା ସେହି ସମୟରେ ଘଟିଛି ଯେଉଁ ସମୟରେ ଏକ ଧାର୍ମିକ ଅନୁଷ୍ଠାନରେ ଭାଗ ନେବା ପାଇଁ ଲୋକେ ନୌକାରେ ଭବାନୀ ଆଇଲ୍ୟାଣ୍ଡରୁ ଭବାନୀ ସଂଗମନ ଘାଟକୁ ଯାଉଥିଲେ । କୁହାଯାଉଛି ଯେ ଆବଶ୍ୟକତାଠୁ ଅଧିକ ଲୋକ ନୌକାରେ ଯାତ୍ରା କରୁଥିଲେ । ନଦୀରେ ପାଣିର ଢେଉ ଅଧିକ ଥିବାରୁ ନୌକା ନିୟନ୍ତ୍ରଣ ହରାଇ ଓଲଟି ଯାଇଥିଲା । ନୌକା ଓଲଟି ଯିବା ପରେ ଘାଟରେ ହଇଚଇ ସୃଷ୍ଟି ହୋଇଥିଲା । ସ୍ଥାନୀୟ ମତ୍ସ୍ୟଜୀବୀ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଜୁଟି ଯାଇଥିଲେ । ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ଦୁର୍ଘଟଣାର ସୂଚନା ମିଳିବା ପରେ ପ୍ରଶାସନ ଉଦ୍ଧାରକାର୍ଯ୍ୟକୁ ଦ୍ରୁତ କରିଥିଲେ । ଏନଡିଆରଏଫ ଦଳ ଘଟଣାସ୍ଥଳରେ ପହଞ୍ଚି ବାକି ଲୋକଙ୍କ ସନ୍ଧାନରେ ଜୁଟି ଯାଇଛି ।

## ବିକାଶର ସବୁ କ୍ଷେତ୍ରରେ ଅଛି ଶ୍ରମିକର ସଫଳ ଅବଦାନ: ମୁଖ୍ୟମନ୍ତ୍ରୀ

- ବିଜୁ ଶ୍ରମିକ ସାମ୍ମୁଖ୍ୟର ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀ
- ସବୁ ଅଣସଂଗଠିତ ଶ୍ରମିକଙ୍କୁ ମିଳିବ ପରିଚୟପତ୍ର ଓ ମହିଳାମାନଙ୍କ ସ୍ୱତନ୍ତ୍ର ସାମାଜିକ ନିରାପତ୍ତା ବ୍ୟବସ୍ଥା

ଭୁବନେଶ୍ୱର,୧୨।୧୧ (ସକାଳ ଖବର): ଆଜି ପୂର୍ବାହ୍ଣରେ ବିଜୁ ଜନତା ଦଳ ଶ୍ରମିକ ସାମ୍ମୁଖ୍ୟର ପ୍ରଥମ ରାଜ୍ୟ ସମ୍ମିଳନୀ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ



ଆନୁଷ୍ଠାନିକ ଭାବେ ଉଦଦ୍ଘାଟନ କରିଥିଲେ। ୩୦ଟି ଜିଲ୍ଲାରୁ ୭ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ଓ ମହିଳା ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

ସମ୍ମିଳନୀକୁ ଉଦଦ୍ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ତାଙ୍କ ଉଦବୋଧନରେ କହିଥିଲେ, ବିଜୁ ଶ୍ରମିକ ସାମ୍ମୁଖ୍ୟର ଏହି ସୁନ୍ଦର କାର୍ଯ୍ୟକ୍ରମକୁ ମୁଁ ଆପଣମାନଙ୍କୁ ସ୍ୱାଗତ କରୁଛି। ଶ୍ରମ ଶକ୍ତି,

## ସୀମାନ୍ତରେ ଏନକାଉଣ୍ଟର : ୨ ମାଓବାଦୀ ମୃତ

ମାଲକାନଗିରି, ୧୨।୧୧ (ସକାଳ ଖବର): ମାଲକାନାଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲା ଗଙ୍ଗାଲୁର ଥାନା ଅନ୍ତର୍ଗତ ମନକେଲି ଜଙ୍ଗଲରେ ଆଜି ସକାଳେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ବେଳେ ଘଟଣାସ୍ଥଳରୁ ଗୋଟିଏ ଇନସାସ ରାଇଫଲ ଜବତ ହୋଇଥିବା ନେଇ ଏଏସପି ମୋହିତ ଗର୍ଗ ସୂଚନା ଦେଇଛନ୍ତି । ପ୍ରାପ୍ତ ସୂଚନା

## ୨୪ ଘଣ୍ଟା ମଧ୍ୟରେ ବର୍ଷା !

ଭୁବନେଶ୍ୱର, ୧୨।୧୧ (ସକାଳ ଖବର):– ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତମାନ ଶ୍ରୀଲଙ୍କା ଉପକୂଳ ଦେଇ ଗତି କରୁଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ଓଡିଶାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି । ଉପକୂଳ ଓଡିଶାରେ ଘଂଟାକୁ ୩୦ରୁ ୫୦ କିମି ପ୍ରତି ଘଂଟା ବେଗରେ ପବନ ବୋହିବ । ଏହି ସମୟରେ ସମୁଦ୍ର ଜୁଆରିଆ ରହୁଥିବାରୁ ସମୁଦ୍ର ମଧ୍ୟକୁ ଯିବା ବେଳେ ମତ୍ସ୍ୟଜୀବୀ ମାନେ ସତର୍କ ରହିବା ପାଇଁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

## ଚିତ୍ରକୂଟ ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ବାଜିମାତ୍



ଚିତ୍ରକୂଟ, ୧୨।୧୧ : ମଧ୍ୟପ୍ରଦେଶରେ ଚିତ୍ରକୂଟ ବିଧାନସଭା ଉପର୍ନିବାଚନର ଫଳାଫଳ ସାମ୍ନାକୁ ଆସିଛି । ଏହି ର୍ନିବାଚନରେ କଂଗ୍ରେସ ପ୍ରାର୍ଥୀ ନୀଲାଂଶୁ ଚର୍ତୁବେଦୀ ବିଜେପି ପ୍ରାର୍ଥୀ ଶଙ୍କର ଦୟାଲ ତ୍ରିପାଠୀଙ୍କୁ ୧୪,୩୩୩ ଭୋଟରେ ପରାସ୍ତ କରିଛନ୍ତି । ନୀଲାଂଶୁଙ୍କୁ ୬୬,୮୧୦ ଏବଂ ବିଜେପି ପ୍ରାର୍ଥୀ ଶଙ୍କରଙ୍କୁ ୫୨, ୪୭୭ ଭୋଟ୍ ମିଳିଛି । ଭୋଟଗଣତି ଆରମ୍ଭରୁ ହିଁ ନୀଲାଂଶୁ ଆଗରେ ରହିଥିଲେ । ୧୯ ରାଉଣ୍ଡ ଗଣତି ପରେ ସେ ର୍ନିଣ୍ଣାୟକ ବିଜୟ ହାସଲ କରିଛନ୍ତି । ଏହି ବିଧାନସଭା ସିଟ୍ ପାଇଁ ନଭେମ୍ବର ୯ରେ ମତଦାନ ହୋଇଥିଲା । ଏଠାରେ ପ୍ରାୟ ୬୨ ପ୍ରତିଶତ ଭୋଟିଂ ହୋଇଥିଲା । ଏହି ସିଟ୍ ପାଇଁ ସିଧାସଳଖ କଂଗ୍ରେସ ଓ ବିଜେପି ମଧ୍ୟରେ ମୁକାବିଲା ହୋଇଥିଲା । ବିଜେପି ଯଥା ସମ୍ଭବ ଏହି ସିଟକୁ କବଜା କରିବାକୁ ଚାହୁଁଥିଲା, ମାତ୍ର ର୍ନିବାଚନର ପରିମାଣ ବିଜେପି ପାଇଁ ନିରାଶଜନକ ସାବ୍ୟସ୍ତ ହୋଇଛି । ଉଲ୍ଲେଖଯୋଗ୍ୟ କଂଗ୍ରେସ ବିଧାୟକ ପ୍ରେମ ସିଂହଙ୍କ ଚଳିତ ବର୍ଷ ନିଧନ ପରେ ଚିତ୍ରକୂଟ ବିଧାନସଭା କ୍ଷେତ୍ରରେ ନଭେମ୍ବର ୯ରେ ର୍ନିବାଚନ ହୋଇଥିଲା । କ୍ରମାଗତ ତୃତୀୟ ଥର କଂଗ୍ରେସ ଏହି ସିଟରୁ ଜିତି ଆସୁଛି । ତିନି ଥର ପ୍ରେମ ସିଂହ ବିଧାୟକ ଭାବେ ର୍ନିବାଚିତ ହୋଇ ଆସୁଥିଲେ । ଏଥିପାଇଁ ଏହି ର୍ନିବାଚନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ପାଇଁ ପ୍ରତିଷ୍ଠାର ପ୍ରଶ୍ନ ଥିଲା । କଂଗ୍ରେସଠୁ ଏହି ସିଟ୍ ଛଡ଼ାଇବା ପାଇଁ ଶିବରାଜ ସମସ୍ତ ଶକ୍ତି ଲଗାଇ ଦେଇଥିଲେ । ଶିବରାଜ ଏଠାରେ ୩ ଦିନ ରହି ପ୍ରଚାର ମଧ୍ୟ କରିଥିଲେ । ତାଙ୍କ ବ୍ୟତୀତ ରାଜ୍ୟ ବିଜେପି

# ଚାଷୀଙ୍କ ସମସ୍ୟା ବୁଝିବା ଉଭୟ ରାଜ୍ୟ ଓ କେନ୍ଦ୍ରର ଦାୟିତ୍ୱ : ଗଜେନ୍ଦ୍ର ସିଂହ ଶେଖାୱତ୍

- କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବେ
- ଶେଖାୱତ୍‌ଙ୍କୁ ଦାମଙ୍କ ଟାର୍ଗେଟ୍

ଭୁବନେଶ୍ୱର,୧୨।୧୧ (ସକାଳ ଖବର):– ଓଡିଶାରେ ଚାଷୀ ମାନେ ସଙ୍କଟଜନକ ସ୍ଥିତିରେ ରହିଛନ୍ତି । ସାମ୍ପ୍ରତିକ ମରୁଡି ପରିସ୍ଥିତି ଏଥିପାଇଁ ଦାୟୀ । ନକଲି କୀଟନାଶକ ଯୋଗୁଁ ଚାଷୀ ମାନଙ୍କର ଫସଲ କ୍ଷତି ଘଟିଛି ବୋଲି ୨ ଦିନିଆ ଓଡିଶା ଗସ୍ତରେ ଆସିଥିବା କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ କୃଷି ମନ୍ତ୍ରୀ ହିସାବରେ ଅନ୍ନଦାତାଙ୍କର ସମସ୍ୟା ଜାଣିବା ଓ ତାହାକୁ ଦୂର କରିବା ମୋର ପ୍ରମୁଖ ଦାୟିତ୍ୱ । ରୋଗ ପୋକ ପ୍ରଭାବରେ ଚାଷ ନଷ୍ଟ ହେବା ଫଳରେ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି । ଓଡିଶାରେ କୃଷି – କୃଷକ ସ୍ଥିତିର ଅନୁଧ୍ୟାନ ପାଇଁ ସେ ଏଠାକୁ ଆସିଛନ୍ତି ।



ରାଜ୍ୟ ସରକାରଙ୍କ ଅଧିକାରୀ ମାନଙ୍କ ମିଶି ସମୀକ୍ଷା କରିବେ ବୋଲି କହିଛନ୍ତି । କୃଷି ପାଇଁ କେନ୍ଦ୍ର ସରକାର ବଡ ସହାୟତା ଦେଉଛି । ଚାଷୀଙ୍କ ସମସ୍ୟା ବୁଝିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦାୟିତ୍ୱ । ଦାମ ବାବୁଙ୍କର ଅନୁପ୍ରବେଶ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ମନ୍ତ୍ରୀ ଶ୍ରୀ ଶେଖାୱତ୍ କହିଥିଲେ ଯେ ଏହା ତାଙ୍କର ଭାବନା । କେନ୍ଦ୍ର ସରକାରଙ୍କର ସେହି ଭାବନା ନାହିଁ। ଆମର ଭାବନା ସମାଜର ସମସ୍ତଙ୍କ ପାଇଁ । ରାଜନୈତିକ ଉଦ୍ଦେଶ୍ୟରେ ସେ ଏଠାକୁ ଆସି ନାହାନ୍ତି । ବରଂ ରାଜ୍ୟ ସରକାରଙ୍କୁ ଅଧିକ ସହଯୋଗ ଦେବା ପାଇଁ ସେ ଆସିଛନ୍ତି। ଅନ୍ନଦାତା ମାନଙ୍କର ସମସ୍ୟା ସମାଧାନ କରିବା ତାଙ୍କର ପ୍ରାଥମିକ ଦାୟିତ୍ୱ । କେବଳ ଓଡିଶା ନୁହେଁ ଦେଶରେ ଯେଉଁ ରାଜ୍ୟରେ ମଧ୍ୟ ଏପରି ପରିସ୍ଥିତି ସୃଷ୍ଟଇ ହେଲେ ସେ ଯିବେ ବୋଲି କହିଛନ୍ତି । ଏହା ପରେ କେନ୍ଦ୍ର ମନ୍ତ୍ରୀ ଓ କେନ୍ଦ୍ରୀୟ ଟିମ୍ ମରୁଡି ପରିସ୍ଥିତି , ଚାଷୀ ଆତ୍ମହତ୍ୟା ଓ ଚାଷୀ ଫସଲ ପୋଡିବା ନେଇ ରାଜ୍ୟ ସରକାରଙ୍କ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଉନ୍ନୟନ କମିଶନର , କୃଷି ବିଭାଗ କମିଶନର ତଥା ସଚିବ ,ଏସଆରସି , ଏବଂ କୃଷି ବିଭାଗ ଅଧିକାରୀ ମାନଙ୍କ ସହିତ ଏହି ଟିମ୍ ଆଲୋଚନା କରିଥିବା ବେଳେ ସିଆରଆରଆଇ କୃଷି ବିଶେଷଜ୍ଞ ମାନଙ୍କ ସହ ମଧ୍ୟ ଆଲୋଚନାକ କରିଥିଲେ ।

ସୂଚନାଯୋଗ୍ୟ ଯେ କେନ୍ଦ୍ର କୃଷି ରାଷ୍ଟ୍ର ମନ୍ତ୍ରୀଙ୍କ ନେତୃତ୍ୱରେ ଆସିଥିବା ବିଶେଷଜ୍ଞ ଦଳ ରବିବାର ଦିନ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାର ଚାଷ କ୍ଷତିଗ୍ରସ୍ତ ଅଂଚଳ ବୁଲି ଦେଖିବେ । ସେହିପରି ଆସନ୍ତାକାଲି ଏହି ଟିମ୍ ବରଗଡ ଯାଇ ପ୍ରଭାବିତ ଅଂଚଳ ବୁଲି ଦେଖିବା ସହ ମୃତ ଚାଷୀ ବୃନ୍ଦାବନ ସାହୁଙ୍କ ପରିବାରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କୁ ସିଧାସଳଖ ଟାର୍ଗେଟ୍ କରିଛନ୍ତି ରାଜ୍ୟ କୃଷିମନ୍ତ୍ରୀ ଦାମୋଦର ରାଉତ । ସାମ୍ବିଧାନିକ ସଂଘୀୟ ବ୍ୟବସ୍ଥା ଅନୁଯାୟୀ ସବୁ ରାଜ୍ୟ ସ୍ୱୟଂଶାସିତ । କିଛି ଅସୁବିଧା ବା ସମସ୍ୟାର ସମ୍ମୁଖୀନ ହେଲେ ଏହାର ଦୂର ପାଇଁ ରାଜ୍ୟ କେନ୍ଦ୍ରକୁ ଅନୁରୋଧ କରେ । ଏହାରି ଆଧାରରେ ରାଜ୍ୟକୁ କେନ୍ଦ୍ର ଅନୁଧ୍ୟାନ ପାଇଁ ଟିମ ପଠାଇଥାଏ । ଟିମର ରିପୋର୍ଟ ଭିତିକୁ ବିଚାରକୁ ନେଇ କେନ୍ଦ୍ର ସହାୟତା ଦେଇଥାଏ



ଜୀବନ ନିଶ୍ୱାସର ଗୀତ, ମୋ ସହିତ ମିଶିଯାଇ ମୋ କାମ କରିବା ଲୋକଙ୍କୁ ପ୍ରଭୁଙ୍କ କୃପା ଥାଏ ।



ହୁଣ୍ଡିର ଆୟ (୧୨.୧୧.୧୭)
୨,୬୪,୫୩୩

## ବୋରିଗୁମ୍ମାକୁ ଏନଏସି ଦାବୀ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଲେ ମୁଁ ଆତ୍ମହତ୍ୟା କରିବାକୁ ପ୍ରସ୍ତୁତ : ତାରା

ଜୟପୁର,୧୨।୧୧ (ସକାଳ ଖବର): ରାଜ୍ୟର ସବୁ ଠାରୁ ବଡ ବ୍ଲକ ଭାବେ ପ୍ରତିଷ୍ଠା ଲାଭ କରିଥିବା କୋରାପୁଟ ଜିଲା ଜୟପୁର ନିର୍ବାଚନ ମଣ୍ଡଳିର ବୋରିଗୁମ୍ମା ପଂଚାୟତକୁ ଏନଏସିରେ ପରିଣତ କରିବା ଦାବୀରେ ଗତ କିଛି ଦିନ ଧରି ବିଜେଡି ଏବଂ ଭାଜପା ପକ୍ଷରୁ କରାଯାଇଥିବା ଆନ୍ଦୋଳନର ଜବାବ ଦେଇଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି । ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନିରେ ପ୍ରଥମେ ସେ ଏହି ଦାବୀ ନେଇ ୩ ଦିନ ଧାରଣାରେ ବସିଥିବା ଭାଜପାକୁ ଟାର୍ଗେଟ କରି କହିଛନ୍ତି ଯେ, ଏହି ଦଳ ରାଜ୍ୟ ଶାସନରେ ବିଜେଡି ସହ ଭାଗୁଆଳି ହୋଇ ୯ ବର୍ଷ ଶାସନ କରିଥିଲା । ୨୦୦୦ ମସିହାରୁ ୨୦୦୯ ପର୍ଯ୍ୟନ୍ତ ବିଜେପିର ସମିର ଦେ ଏବଂ କନକ ବର୍ଦ୍ଧନ ସିଂ ଦେଓ ନଗର ଉନ୍ନୟନ ମନ୍ତ୍ରୀ ପଦବି ପାଇଥିଲେ । କିନ୍ତୁ ଏହି ସମୟରେ ଭାଜପା ବୋରିଗୁମ୍ମାକୁ ଏନଏସି କରିପାରିଲା ନାହିଁ। ବର୍ତମାନ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏବଂ ମୁଁ ଯେଉଁ ପରିଶ୍ରମ କରିଛି ତାହାର ଫଳ ହାତେଇବା ପାଇଁ ଭାଜପା ନାଟକ



ବାଜି କରୁଛି ବୋଲି ବାହିନିପତି ଭାଜପାକୁ ଇଙ୍ଗିତ କରି ଆଜି କହିଛନ୍ତି ।

ସେହିପରି ଜୟପୁର ବିଧାୟକ ଶ୍ରୀ ବାହିନିପତି ବୋରିଗୁମ୍ମା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିବାକୁ ମଧ ଭୁଲି ନାହାଁନ୍ତି । ସେ ଦର୍ଶାଇଛନ୍ତି ଯେ, ୨୦୧୬ ମାର୍ଚ୍ଚ ୧୮ ତାରିଖ ଦିନ ବିଧାନସଭାରେ ବୋରିଗୁମ୍ମାକୁ ଏନଏସି କରିବା ପ୍ରସଙ୍ଗରେ ପ୍ରଶ୍ନ ହେବାରୁ ତତ୍କାଳିନ ନଗର ଉନ୍ନୟନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂ ଦେଓ ଜିଲାପାଳଙ୍କ ଠାରୁ ପ୍ରସ୍ତାବ ଆସିନଥିବା କହି ଦାବୀ କୁ ଏଡାଇ ଯାଇଥିଲେ । ପୁଣି ମଇ୧୩ ତାରିଖରେମୋ ପ୍ରଶ୍ନର ଉତରରେ ରାଜ୍ୟର ୧୪ଟି ଏନଏସି ପାଇଁ ପ୍ରସ୍ତାବ ରହିଥିବା ବେଳେ ବୋରିଗୁମ୍ମା ଏଥିରେ ନାହିଁ ବୋଲି ବିଧାନସଭାରେ ମନ୍ତ୍ରୀ ସ୍ପଷ୍ଟ କରିଥିଲେ । ଏପରିକି ପ୍ରସ୍ତାବିତ ୧୪ ତାଲିକାରେ ବିଜେପୁର ମଧ ନଥିଲା । ବର୍ତମାନ ବିଜେପୁରରେ କଂଗ୍ରେସ ବିଧାୟକଙ୍କ ମୃତ୍ୟୁରୁ ଉପ ନିର୍ବାଚନ ଜିତିବା ଆଶାରେ ବିଜେପୁର ଏନଏସି ଘୋଷଣା ହୋଇଥିବା ବେଳେ ବୋରିଗୁମ୍ମା କାହିଁକି ନହେବ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି । ବିଜେପୁର ବିଧାୟକଙ୍କ ମୃତ୍ୟୁ ପରେ ଯଦି ଏହା ସମ୍ଭବ ହେଉଛି ତେବେ ବୋରିଗୁମ୍ମା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଲେ ମୁଁ ବି ଆତ୍ମହତ୍ୟା କରିବାକୁ ପ୍ରସ୍ତୁତ ବୋଲି ବାହିନିପତି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ।

ସେ ଦର୍ଶାଇ ଛନ୍ତି ଯେ, ବୋରିଗୁମ୍ମା ପଂଚାୟତର ଜନସଂଖ୍ୟା ୧୦ ହଜାରରୁ ଅଧିକ ଥିବା ବେଳେ ୧୨।୯।୨୦୧୭ରେ ସେ ବ୍ୟକ୍ତିଗତ ଭାବେ ବୋରିଗୁମ୍ମା ଏନଏସି ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପତ୍ର ଦେଇଥିଲେ । ଏହା ପରେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ କୋରାପୁଟ ଜିଲାପାଳଙ୍କ ନିକଟକୁ ଗତ ୧୫।୯।୧୭ ଓ ୬।୧୦।୧୭ରେ ପତ୍ର ଆସିଥିଲା । ଏହି ପତ୍ର ରେ ରାଜ୍ୟ ସରକାରଙ୍କ ପକ୍ଷରୁ ନଗର ଉନ୍ନୟନ ଉପ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର କୋରାପୁଟ ଜିଲାପାଳଙ୍କୁ ବୋରିଗୁମ୍ମାକୁ ଏନଏସି ଘୋଷଣା ନେଇ ରହିଥିବା ମାନଦଣ୍ଡ ଓ ଭିତିଭୂମି ସମ୍ପର୍କରେ ସୂଚନା ସହ ପ୍ରସ୍ତାବ ଫର୍ମ ବି ଜରିଆରେ ଦେବାକୁ କହିଥିଲେ । ଏହାର ଅବିକଳ ନକଲ ମଧ ଜୟପୁର ବିଧାୟକଙ୍କ କାର୍ଯ୍ୟାଳୟକୁ ରାଜ୍ୟ ସରକାର ପ୍ରେରଣ କରିଥିଲେ । ବର୍ତମାନ ଏହି ପ୍ରସଙ୍ଗ ସମ୍ପୂର୍ଣ୍ଣ ରୁପେ ଜିଲା ପ୍ରଶାସନ ଏବଂ ମୁଖ୍ୟମନ୍ତ୍ରୀଙ୍କ ବିଚାରଧିନ ରହିଥିବା ବେଳେ ସ୍ଥାନୀୟ ବିଜେଡି ନେତା ମାନେ ବୋରିଗୁମ୍ମାରେ ନାଟକ କରି କାହା ନିକଟରେ

## ପୂର୍ବତନ ଡିଜି ବିନୟ ବେହେରାଙ୍କ ଶେଷକୃତ୍ୟ ସମ୍ପନ୍ନ

ଭୁବନେଶ୍ୱର, ୧୨।୧୧ (ସକାଳ ଖବର):– ପୂର୍ବତନ ହୋମଗାର୍ଡ ଓ ଅଗ୍ନିଶମ ସଂସ୍ଥାର ଡିଜି ସ୍ୱର୍ଗତ ବିନୟ ବହେରାଙ୍କର ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ସେଠାରେ ତାଙ୍କୁ ରାଜ୍ୟ ପୋଲିସ୍ କ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ଗତକାଲି ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶ୍ରୀ ବେହେରା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

ରବିବାର ସ୍ୱର୍ଗତ ବେହେରାଙ୍କ କଟକ ସ୍ଥିତ ବାସ ଭବନରୁ ତାଙ୍କ ମର ଶରୀରକୁ ପୁରୀ ନିଆଯାଇଥିଲା । ବାଟରେ ବିଭିନ୍ନ ଥାନା ଓ ଅଗ୍ନିଶମ ସଂସ୍ଥା ପକ୍ଷରୁ ସ୍ୱର୍ଗତ ବେହେରାଙ୍କ ଶେଷ ସମ୍ମାନ ଜଣାଯାଇଥିଲା । ସ୍ୱର୍ଗତ ବେହେରାଙ୍କ ବଡ ପୁଅ ବୈଭବ ବେହେରା ମୁଖାଗ୍ନି ଦେଇଥିଲେ । ଶେଷକୃତ୍ୟ ସମୟରେ ଅତିରିକ୍ତ ଡିଜି , ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ , ଅସିତ୍ ପାଣିଗ୍ରାହୀ , ପୁରୀ ଏସପି ସାର୍ଥକ ଷଡଙ୍ଗୀ , ଭାଇ ଅଜୟ ବେହେରା , ସାନ ପୁଅ ଅନ୍ନବ ବେହେରା , ଭୂପିନ୍ଦର ସିଂହ , ପୁରୀ ଟାଉନ୍ ଥାନା ଆଇଆଇସି ଉମାକାନ୍ତ ସିଂହ , ସମୁଦ୍ରକୂଳ ଥାନା ଆଇଆଇସି ବିଶ୍ୱଜିତ ସେନାପତିଙ୍କ ସମେତ ବହୁ ପୋଲିସ୍



ଅଧିକାରୀ , ରାଜନେତା , ଲୋକପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ ପୂର୍ବତନ ହୋମଗାର୍ଡ ଓ ଅଗ୍ନିଶମ ଡିଜି ବିନୟ ବେହେରା କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ମୁଣ୍ଡରାଗୁଡା ଗାଁରେ ୧୯୫୭ ମସିହା ଅକ୍ଟୋବର ୧୦ରେ ଜନ୍ମ ଗ୍ରହଣ କରିଥିଲେ। ରାଉରକେଲାରେ ଶିକ୍ଷା ସମାପ୍ତି ପରେ ସେ ୧୯୮୨ ମସିହାରେ ଆଇପିଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଗତ ଅକ୍ଟୋବର ୩୧ ତାରିଖରେ ଚାକିରିରୁ ଅବସର ନେବା ଦିନ ରାତିରେ ସେ ହଠାତ ଅସୁସ୍ଥ ହୋଇ ପଡିଥିଲେ। ନଭେମ୍ବର ପହିଲାରେ ଚିକିତ୍ସା

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**